# ଭୀମ ଭୋଇଙ୍କ ଯୁଗ୍ମ ଜୀବନ: ଏକ ଦୃଷ୍ଟିପାତ

ଡକ୍ଟର ପବିତ୍ର ମୋହନ ନାୟକ

୧୮୭୬ ମସିହା । ମହିମା ସ୍ୱାମୀଙ୍କ ତିରୋଧାନ ପରେ ଯୋରନ୍ଦାରେ କୁମ୍ଭିପଟିଆ ଓ କନାପଟିଆଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ତୀବ୍ର ହୋଇଉଠେ । ଭୀମ ଭୋଇଙ୍କ ମଧ୍ୟସ୍ଥତା ନିଷ୍ଫଳ ହୁଏ । ବ୍ୟର୍ଥ ମନୋରଥ ଭୀମ ଭୋଇ ଫେରିଯାନ୍ତି ବିନିକା । ବିନିକାରୁ ଗୋଲଣ୍ଡା । ଗାଁ ମଝିରେ ଟୁଙ୍ଗୀଟିଏ ତୋଳାହୁଏ । ପାଖରେ ପୋଖରୀଟିଏ ଖୋଳାଯାଏ । ନାଁ ଦିଆଯାଏ ଭୀମବନ୍ଧ ।

ଟୁଙ୍ଗୀରେ ଧୂନୀ ଜଳେ । ଖଞ୍ଜଣି ବାଜେ । ଭଜନ ଲେଖାହୁଏ । ବୋଲାହୁଏ । ପାଖଆଖ ଗାଁରୁ ଭକ୍ତଙ୍କ ସୁଅ ଛୁଟେ । ଭିଡ ଜମେ । ଅଲେଖ ଶରଣ ଧ୍ୱନିରେ ଗଗନପବନ କମ୍ପିଉଠେ ।

ଠିକ୍ ଏହି ସମୟରେ ମତି (ଆଜିର କାମାକ୍ଷାନଗର)ରୁ ଭୀମ ଦାଶ ଭାଇ ନିରାକାର ଓ ଅର୍ଜୁନଙ୍କୁ ଧରି ସଦଳବଳେ ଟୁଙ୍ଗୀ ଉପରେ ଅତର୍କିତ ଚଢାଉ କରିଦିଅନ୍ତି । ଉଦ୍ଦେଶ୍ୟ: ତାଙ୍କ ଯେଉଁ ବିଧବା ଭଉଣୀ ଅନ୍ନପୂର୍ଣ୍ଣାକୁ ଭୀମ ଭୋଇ 'ଜୋରଜବରଦସ୍ତ' ତା ମାମୁଁଘର ଯୋରନ୍ଦାରୁ ଉଠାଇ ଆଣିଛନ୍ତି, ତାକୁ ଫେରାଇନେବେ । ଗଣ୍ଡଗୋଳରେ ଗୋଲଣ୍ଡା ହୁଲ୍‌ସ୍ଥୁଲ ହୁଏ । ଭକ୍ତମାନେ ଭ୍ରୁକୁଞ୍ଚନ କରନ୍ତି । କିନ୍ତୁ ଭୀମ ଭୋଇ ଯେ ସ୍ୱୟଂ କାଳିନ୍ଦୀ ଗୌନ୍ତିଆଙ୍କ ଅତିଥି । ସନ୍ନ୍ୟାସୀ । ଅନ୍ନପୂର୍ଣ୍ଣା ମାତା । ମହିମାଧର୍ମ ଦୀକ୍ଷିତା । ନିଜେ ନ ଚାହିଁଲେ ତାଙ୍କୁ କେହି ଛୁଇଁ ପାରିବେ ନାହିଁ । ଗାଁ ବାଲାଙ୍କ ପ୍ରବଳ ପ୍ରତିବାଦ ଓ ପ୍ରତିରୋଧ ଫଳରେ ଭୀମ ଦାଶ ରିକ୍ତହସ୍ତରେ ଫେରିବାକୁ ବାଧ୍ୟ ହୁଅନ୍ତି ।

ଭୀମଭୋଇ ଗୋଲଣ୍ଡା ଛାଡି ଭୁର୍ଷାପାଲି, ଶରଧାପାଲି ଦେଇ ସୋନପୁର ସହରର ଖ୍ୟାତନାମା ଆୟୁର୍ବିଦ୍ ଚତୁର୍ଭୁଜ ରାୟଗୁରୁଙ୍କ ଘରେ ଆଶ୍ରୟ ନିଅନ୍ତି । ଏଇଠି ଯୁବରାଜ ପ୍ରତାପରୁଦ୍ର ଅନ୍ନପୂର୍ଣ୍ଣାଙ୍କ ସହ ତାଙ୍କ ବିବାହ କରିଦିଅନ୍ତି । ରାଜା ନୀଳାଦ୍ରି ସିଂହ (୧୮୪୧-୯୧)ଙ୍କ ଆଦେଶରେ ଖଲିଆପାଲିର ଦୁଇଏକର ଜମି ଉପରେ ଗୌନ୍ତିଆ ଲୋଚନ ବଗର୍ତ୍ତିଙ୍କ ଦ୍ୱାରା ଆଶ୍ରମଟିଏ ତୋଳାହୁଏ । ଅନ୍ନପୂର୍ଣ୍ଣା ହୁଅନ୍ତି ଆଶ୍ରମର ଆଦିମାତା । ରଥଯାତ୍ରା, ନୂଆଖାଇ, ଦଶହରା, ଫଗୁନ୍‌ପୁନି ଦିନ ଭୀମଭୋଇ ସସ୍ତ୍ରୀକ ଗ୍ରାମ ପରିକ୍ରମା କଲାବେଳେ ଦ୍ୱାରେ ଦ୍ୱାରେ ପୂର୍ଣ୍ଣକୁମ୍ଭ ବସେ । ଦୀପ ଜଳେ । ଉଭୟଙ୍କ ନୀରାଜନା କରାଯାଏ । ପୁରୁଷ ସହିତ ନାରୀ ତା ସମସ୍କନ୍ଦ ମର୍ଯ୍ୟାଦା ପାଏ ସୋନପୁରର ରକ୍ଷଣଶୀଳ, ପିତୃକୈନ୍ଦ୍ରିକ ସମାଜରେ ।

ସେଆଡେ ଯୋରନ୍ଦା ଯେତେବେଳେ ବାଦବିବାଦରେ ଛନ୍ଦି ହୋଇପଡେ, ଖଲିଆ ପାଲିରେ ମହିମା ବାନା ଫରଫର ଉଡେ । ଭୀମ ଭୋଇଙ୍କ ଖ୍ୟାତି ଝାଡଖଣ୍ଡ, ଛତିଶଗଡ, ବିହାର, ଆସାମ, ବଙ୍ଗଳା, ମଧ୍ୟପ୍ରଦେଶ, ଆନ୍ଧ୍ର ପର୍ଯ୍ୟନ୍ତ ଖେପିଯାଏ । ଏପରିକି ବିବାହିତା ମହିଳାମାନେ ଘରଛାଡି ମଠରେ ମାତା ହୋଇ ରହିଯାନ୍ତି । ସ୍ୱତଃସ୍ଫୂର୍ତ୍ତ ଭାବରେ କିଛି ଲୋକ ପୁଣ୍ୟ ପାଇଁ ଭୀମ ଭୋଇଙ୍କୁ କନ୍ୟାଦାନ କରିଦିଅନ୍ତି ସ୍ୱହସ୍ତରେ, ନିଃସଙ୍କୋଚରେ ।

ପୂର୍ବରୁ ତ ଭୀମ ଭୋଇ କୌପୀନ ପିନ୍ଧି ବଳ୍କଳଧାରୀଙ୍କଠୁ ଅଲଗା ହୋଇଯାଇଥିଲେ । ଏବେ ଗୃହସ୍ଥ ଧର୍ମ ଧରିବାରୁ ଯୋରନ୍ଦାର ଦ୍ୱାର ତାଙ୍କ ପାଇଁ ସବୁଦିନ ଲାଗି ବନ୍ଦ ହୋଇଯାଏ । ଭଗବାନ ବାବା ଓ କୃପାସିନ୍ଧୁ ବାବା ଖଲିଆପାଲି ଗୋଷ୍ଠୀକୁ ବାସନ୍ଦ କରିଦିଅନ୍ତି ସିନା ବୁଝି ପାରନ୍ତିନି ମହିମାଧର୍ମର ଆଦ୍ୟ ଉଦ୍‌ଗାତା ଭୀମ ଭୋଇଙ୍କୁ ବାଦ୍‌ଦେଇ ସେମାନେ ଏଧର୍ମର କି ଅପୂରଣୀୟ କ୍ଷତିସାଧନ କଲେ ।

ଏକ ବିଧବା ବ୍ରାହ୍ମଣୀଙ୍କୁ ବାହା ହୋଇ ଭୀମ ଭୋଇ ଗୋଟିଏ ଗୁଳିରେ ଦୁଇଟି ଚଢେଇ ଶିକାର କଲେ । ଏକେ ତ ଏ ବିବାହ ଥିଲା ବିଜାତୀୟ, ତେଣୁ ବର୍ଜନୀୟ । ପୁଣି ବିଧବାବିବାହ କରି କବି ଆଉ ଏକ ନୂତନ ଦିଗ ଉନ୍ମୋଚନ କଲେ । ଆଦିମାତା ବା ଆଦି ଅନ୍ନପୂର୍ଣ୍ଣାଙ୍କ

ବ୍ୟତୀତ ଭୀମ ଭୋଇଙ୍କ ଆଉ ଚାରୋଟି ପତ୍ନୀ: ରାୟପାଲି ମୋହନ ଦାସଙ୍କ ଝିଅ ସୁମେଧା, କୁଡାସିଙ୍ଘା ନାରାୟଣ ଦାସଙ୍କ ଦୁହିତା ରୋହିଣୀ ଓ ରମ୍ଭେଲା, ଈଶ୍ୱର ସାହୁଙ୍କ କନ୍ୟା ସରସ୍ୱତୀ ଓ ସୁବର୍ଣ୍ଣା । ସୁମେଧାଙ୍କ ପୁଅ କପିଳେଶ୍ୱର ମୂକ ଓ ବଧିର । ରୋହିଣୀଙ୍କ ଝିଅ ଲାବଣ୍ୟବତୀ ସୁନ୍ଦରୀ କିନ୍ତୁ ଚିର କୁମାରୀ । ଏହାହିଁ ଥିଲା ଭୀମ ଭୋଇଙ୍କ ସଂସାର । ଏହାହିଁ ନଥିଲା ଭୀମ ଭୋଇଙ୍କ ସଂସାର ।

ମହିମାସ୍ୱାମୀ ବ୍ରହ୍ମଚାରୀ । ଭୀମ ଭୋଇ ଗୃହସ୍ଥ । ମହିମାଧର୍ମର ଆଉ ଏକ ଶାଖା ଖୋଲିଯାଏ– ଆଶ୍ରିତ । କୁପିପଟିଆ । କନାପଟିଆ ଓ ଗୃହସ୍ଥ ବା ଆଶ୍ରିତ । ଏ ଧର୍ମର ପରିସର ଓ ପରିଧି ବଢିଯାଏ । ଶିଷ୍ୟସଂଖ୍ୟା ବଢିଯାଏ । ଶତ୍ରୁସଂଖ୍ୟା ବି ବଢିଯାଏ । ଯା'ର ପିତାମାତା, କୁଳଶୀଳ ଠିକଣା ନାହିଁ, ସେ ପୁଣି ପରଝିଅ ବୋହୂ ଧରି ଘର କରିଛି । ବାବା ହୋଇ ବାପ ହୋଇଛି । ପାପ କରିଛି । ସଂସାରୀ ହୋଇ ସନ୍ନ୍ୟାସୀ ସାଜିଛି । ଏହାର ଉତ୍ତର ଦେଇଛନ୍ତି ଉତ୍‌କ୍ଷିପ୍ତ କବି:

ବୋଲୁଛନ୍ତି ସର୍ବେ ପରପୁତ୍ର ହୋଇ ଆପଣାର ପୁତ୍ର କଲା
ଭୁଲାଇଣ ମନ୍ତ୍ରେ ସବୁଙ୍କୁ ଶିଖାଇ ଜାତିମହତ ହିଁ ନେଲା ।
ପରଝିଅ ବୋହୂ ଭେଳିକି ଲଗାଇ ନେଇ କରିଛି ଭାରିଯା
ଗୁରୁ ବୋଲାଉଛି ଗୃହ କରିଅଛି ବୋଲୁଛନ୍ତି ରାଜାପ୍ରଜା ।
ମରକଖିଆ ଅଳପ ଆୟୁଷିଆ କୁଳବୁଡା ଯେତେ ଲୋକ
ଜନମହଳିଆ ବ୍ରହ୍ମରାକ୍ଷସିଆ ନିନ୍ଦୁଛନ୍ତି କେତେ ଦେଖ ।
ଧନଦାରାସୁତ ପାଇଣ ଆନନ୍ଦ ଏ ମୋ କପାଳରେ ଥିଲା
ପୂର୍ବକମାଣିର ଫଳ ଭୁଞ୍ଜୁଅଛି କାହାର ବା କିସ ଗଲା ।

(ସ୍ତୁତିଚିନ୍ତାମଣି, ୬୩ ବୋଲି )

ଭୀମ ଭୋଇଙ୍କ ଏ କ୍ଷୁବ୍ଧ ପ୍ରତିକ୍ରିୟାରେ କବି ବିନୋଦ ଚନ୍ଦ୍ର ନାୟକ ପ୍ରଶ୍ନ କରିଛନ୍ତି: କାହିଁ ସେ ମୁନିଜନସୁଲଭ ଧୈର୍ଯ୍ୟ ଓ ଔଦାର୍ଯ୍ୟ, କ୍ଷମାଶୀଳତା ଓ ସହିଷ୍ଣୁତା ? ସନ୍ନ୍ୟାସୀର ସମଦମ ସଂଯମ କାହିଁ ? ଏ ପ୍ରଶ୍ନର ଉତ୍ତର ଭୀମ ଭୋଇ ନିଜେ । ସେଥିଲେ ରକ୍ତମାଂସ ମଣିଷ । କ୍ଷୁଧା ତୃଷାର । ସ୍ନେହସରାଗର । ରାଗରୋଷର । ଅନୁତାପ ଅନୁଶୋଚନାର । ଏ ନୈତିକ ସ୍ଖଳନରେ, ଏ ଧର୍ମଚ୍ୟୁତିରେ କବି ପଶ୍ଚାତ୍ତାପ କରିଛନ୍ତି । ଦାୟୀ କରିଛନ୍ତି ନିଜକୁ, ନିଜ ଦୁର୍ବଳତାକୁ, ସୃଷ୍ଟିକୁ, ପୁଣି ସ୍ରଷ୍ଟାକୁ ।

ନରଦେହ ବହିବା ହେଲା ବିଅର୍ଥ । ନାରୀ ସଂଗତେ ପଡି ଅଲେଖ ହେ, ଗଲା ପୂର୍ବ ସୁକୃତ । ମହତ ସରିଲାଣି କରିବି କିସ । ମରିଯିବାର ଭଲ, ଅଲେଖ ହେ, ତେଜି ତ୍ରିପୁର ଯଶ ।

(''କାନ୍ଦି ମୁଁ ଜଣାଉଛି ଶୂନ୍ୟ ପୁରୁଷ'' ଚଉତିଶା)

ମହିମାଙ୍କୁ କାଠଗଡାରେ ଠିଆ କରିଛନ୍ତି: ନିଜ ହାତରେ ନାରୀପୁରୁଷ ଗଢି, ହେ ମୋର ସ୍ରଷ୍ଟା, ଏବେ କେଉଁ ନ୍ୟାୟରେ ବୈରାଗ୍ୟର ବାର୍ତ୍ତା ପ୍ରଚାର କରୁଛ ?

କ୍ଷୀରନୀର ଫଳମୂଳ ଆଣି ପ୍ରଭୁ ଭିଆଇ ଥୋଇଛ ଏ ଜଗତେ କ୍ଷୁଧାତୃଷା
କଲେ ନ ଖାଇବି ଯେବେ କେମନ୍ତେ ବର୍ତ୍ତିବି କହ ମୋତେ ।
ଖଞ୍ଜା କରାଇ ଯେ, କାହିଁକି ଏ ମାନ ଅରଜିଲ
ଖାଇବୁ ଯେବେ ଖରାପ ହେବୁ ବୋଲି ଫେରି ଯେବେ ସ୍ୱାମୀ ନାସ୍ତିକଲ ।
ଗିରିରୁ ଆଣିଲ ଗର୍ଭେଛିଡି ଦେଲ ଗଢିଲ ଆପେ ଆପଣ ବସି
ଗାତମୁହଁବାଟେ ଘିଞ୍ଚିଆଣି ମୋତେ ପଶ୍ଚାନ୍ତେ ବୋଲୁଛ ହେଲୁ ଦୋଷୀ
ଜ୍ଞାନ କରିଛ ହେ, ଚାରିଯୁଗେ ରଜବୀର୍ଯ୍ୟ ମେଳେ
ଗେରସ୍ତ ଭାରିଯା କରି ଯୋଡିଦେଇ ନାହିଁ ବୋଲୁଅଛ ଏତେବେଳେ ।
ଘଟର ଭିତରେ ଘୋଡଣୀଟି ଥୋଇ ଜୀବ ପରମକୁ ଏକ କରି
ଘାଣ୍ଟିଘୁଣ୍ଟି କରି ମାୟାରେ ପକାଇ ଏହି ପିଣ୍ଡବ୍ରହ୍ମାଣ୍ଡକୁ ଧରି ।
ଘୋଟିରହିଛ ହେ, ସ୍ୱର୍ଗମର୍ତ୍ତ୍ୟ ତିନି ତ୍ରଇଲୋକ
ଘିଞ୍ଚିଆଣି ଘୋର ବନରେ ପକାଇ ଏବେ ବୋଲୁଅଛ ଦେଖ ଦେଖ ।
ଯୋନିରେ ଜନମ କରିଛ ଜୀବକୁ ଯୁଗଳେ ମିଶାଇ ତେତେବେଳେ
ଯୁଗେ ନାହିଁ ବୋଲି ବତାଉଛ ମୋତେ ପହଁରାଇ ଆଣି ଭବଜଳେ ।
ଯମ ଦୁଆର ଯେ, ଯିବୁ ନାହିଁ ବାବୁ କଦାଚିତେ
କ୍ଷୀରନୀର ପ୍ରାୟେ ମିଶାଇ ଦେଇଣ ବିରୁଦ୍ଧ କରୁଛ ବାହ୍ୟ ମତେ ।
ଝାବଡାରେ ନିର୍ଭା କରିଛ ଶରୀର ଝିଞ୍ଜିରି ଲାଗିଛି ସର୍ବଠାରେ
ଝୁମ୍ପା ପ୍ରାୟ କରି ପଚିଶ ପ୍ରକୃତି ଲଗାଇ ଆଣିଛ ଏ ଦେହରେ
ଝାଡ ଭିତରେ ଯେ ପଶିଗଲା ବୋଲୁଅଛ ମୋତେ
ଝଞ୍ଜିକା ଭିତରେ ଝୁଙ୍କାଇ ଦେଇଣ ସେରନ୍ତା ପଣେ କହୁଛ କେତେ ।
ଟିକେ ଟିକେ କରି ମାତୃଗର୍ଭଗତୁ ଅଙ୍କୁରାଇ ଦେଇ ଟୋକାବେଳୁ
ଟେକି କଚଡାଇ ଦେଇକରି ମୋତେ ବୋଲୁଅଛ ମନ୍ଦକୃତ୍ୟ କଲୁ
ଟେକା ପରାୟେ ଯେ ବିଲର ଭିତରେ ଦେଇ ମାଡି
ଟାଡି ସୋହଡିରେ ଫିଙ୍ଗି ଦେଇକରି ବୋଲୁଅଛ ଭବେ ଗଲୁ ବୁଡି ।
ତ୍ରିଗୁଣରେ ମୋତେ ଜାତ କରିଅଛ ତିନିପୁର ମଧ୍ୟେ ଦେଇଛାଡି
ତତ୍ତ୍ୱପଦ ଗୋଟି ଗୁପତେ ଲୁଚାଇ ବୋଲୁଛ ଅମଡା ଗଲୁ ମାଡି
ସ୍ତିରୀ ସଂଗମ ଯେ ନକରିବୁ ବାବୁ କଦାଚିତେ
ତପତ ଅନଳେ ଦେହକୁ ତଇଳ କରାଉଛ ସ୍ୱାମୀ ଅନୁବ୍ରତେ ।
ନର ଦେହେ ସ୍ୱାମୀଜାତ କରିଅଛ ନବ ଖଣ୍ଡ ମେଦିନୀରେ ମୋତେ

ନାରୀପୁରୁଷଙ୍କ ସଙ୍ଗତେ ବସିଲେ ବୋଲୁଅଛ ନ ଛୁଇଁକି ତୋତେ
ନିନ୍ଦା ହେଉଛି ଯେ ଅଲେଖ ମହିମା ଧରମକୁ
ନାରୀ ପୁରୁଷରେ ବ୍ରହ୍ମାଣ୍ଡ କରିଛ ଲଜ୍ଜାକି ଲାଗୁଛି ଶ୍ରୀଛାମୁକୁ ?
ଧରିଆଣି ମୋତେ ଧରଣୀମଣ୍ଡଳେ ନରଦେହେ ସ୍ୱାମୀ ଅଛ ଥାପି
ଧରାଧରି ହୋନ୍ତେ ସ୍ନେହସଉକରେ ବୋଲୁଅଛ ହୋଇଗଲୁ ପାପୀ
ଧର୍ମ ବୁଡାଇ ଯେ କରୁଅଛୁ ମନ୍ଦ କର୍ମମାନ
ଧାରଣାଧ୍ୟାନକୁ ତୁଲିନେଇ ଯାଇ ମୋ ଉପରେ ଛିଡାଉଛ ଟାଣ ।
ପ୍ରକୃତିରେ ପିଣ୍ଡ ରଞ୍ଜନା କରିଛ ପାଣିପବନକୁ କରି ଠୁଳ
ପିତା ହୋଇକରି ପୁତ୍ରର ବେଦନା ନଜାଣୁଛ କି ଅନାଦିମୂଳ
ପାପ କରୁଛୁ ଯେ ବୋଲୁଛ ଦୁର୍ଲଭ ଦେହ ପାଇ
ପ୍ରେମ ପସରାକୁଯୋଗାଡି ମୋ ଅଙ୍ଗେ ଆଦ୍ୟରୁ ତ ଦେଇଅଛ ଥୋଇ ।
ରେତରସରେ ଶରୀର ବନାଇଛ ରାଗ ଅହଙ୍କାର ଅଙ୍ଗେ ଭରି
ରୁଧିର ମାଏଁସ ପୂରି ରହିଅଛି ସ୍ୱହସ୍ତରେ ସ୍ୱାମୀ ଦେଖ ଖାରି
ରଜତାମସ ଯେ ରମିବୁ ନାହିଁ ତୁ ସ୍ତିରୀ ଅଙ୍ଗ
ପିଣ୍ଡରେ ପରମ ପରୁଷକୁ ଥୋଇ ଜୀବକୁ କରିଦେଇଛ ସଙ୍ଗ ।
ଶୂନ୍ୟମଣ୍ଡଳରୁ ଶବଦ ବ୍ରହ୍ମରୁ ସୂତ୍ରରେ ଆଣିଛ ମୂତ୍ରଦ୍ୱାରେ
ଶୋଇବୁ ନାହିଁ ସ୍ତିରୀ ସଙ୍ଗେ ବୋଲୁଛ ଜଳିଯିବୁ ତାଙ୍କ ନିଶ୍ୱାସରେ
ସାଖାସୋଦର ହେ ବିଶ୍ୱାସ କରିଛ ନିରନ୍ତର
କୁମ୍ଭ ତଳେ କୁମ୍ଭୀ ନରକକୁ ଥୋଇ ବୋଲୁଅଛ ତାକୁ ହେତୁକର ।

(ତାଳପତ୍ର ପୋଥିରୁ)

କି ଅନୁଯୋଗ । କି ଅଭିଯୋଗ । ସ୍ରଷ୍ଟା ଆଗରେ କି ଦୁଃସାହସିକ ଯୁକ୍ତି । ଭୀମ ଭୋଇ ଗୃହସ୍ଥ ସନ୍ନ୍ୟାସୀ ହୋଇ ମହିମା ଧର୍ମରେ ଏକ ସ୍ୱତନ୍ତ୍ର ପରମ୍ପରା ସୃଷ୍ଟି କରିଥିଲେ । ପରିବାର ପରିହାର କରି ହିମାଳୟର ତୁହୀନ– ଶୀତଳ ଗିରିବର୍ତ୍ତରେ କୃଚ୍ଛ୍ରସାଧନା କରିନଥିଲେ ସେ । ଏଇଠି, ମାଟିମଟାଳ ଏ ପୃଥିବୀରେ ରହି ନିର୍ଲିପ୍ତ , ନିରାସକ୍ତ ଜୀବନ ଜୀଇଁଥିଲେ । ପଦ୍ମପତ୍ରମିବାମ୍ଭସା । ପଦ୍ମପତ୍ରରେ ପାଣି ଲାଗି ବି ଲାଗି ନଥାଏ । ସଂସାରରେ ଥାଇ ବି ନଥିଲେ ଭୀମ ଭୋଇ । ଜନକ, ଯାଜ୍ଞବଲ୍କ୍ୟ, ରାମକୃଷ୍ଣ ପୁଣି ତ ବିବାହ କରିଥିଲେ । ଯାଜ୍ଞବଲ୍କ୍ୟଙ୍କ ଦୁଇ ପତ୍ନୀ ଥିଲେ । ଜନକ ଜଙ୍ଘ ଉପରେ ସହଧର୍ମିଣୀଙ୍କୁ ବସାଇ ଯଜ୍ଞରେ ଆହୁତି ଦେଇଥିଲେ । ମେନକାଙ୍କ ପ୍ରେମପାଶରେ ପଡିବି ବିଶ୍ୱାମିତ୍ର ବ୍ରହ୍ମର୍ଷି ସ୍ତରକୁ ଉଠିଥିଲେ । ରାଜା ରାଓଙ୍କ ସାର୍ପେଣ୍ଟ ଏଣ୍ଡ ଦି ରୋପ୍ ଉପନ୍ୟାସର ଶ୍ରୀକୃଷ୍ଣ–ଦୁର୍ବାସା ଉପାଖ୍ୟାନ ଏଇଠି ମନକୁ ଆସେ ।

ଯମୁନା ବଢିଛି । ଅପର ତୀରରେ ଦୁର୍ବାସା ଅପେକ୍ଷା କରିଛନ୍ତି ରାଧାଙ୍କ ହାତପରଷା ଖାଇବେ । ଅନ୍ନବ୍ୟଞ୍ଜନ ଧରି ରାଧା ଯାଇ ଦେଖନ୍ତି ଯମୁନା ଫଁ ଫଁ କରୁଛି । ପାରିହେବେ କେମିତି ? ଶ୍ରୀକୃଷ୍ଣ କହିଛନ୍ତି । ରାଧା, ଯାଅ ଯମୁନାକୁ କହିବ କୃଷ୍ଣ ସହ ଯଦି ମୋ ଦୈହିକ ସମ୍ପର୍କ କେବେ ନାହିଁ । ବାଟ ଛାଡିଦେ । ଯମୁନା ବାଟ ଛାଡିଦେଲା । ଦୁର୍ବାସାଙ୍କୁ ଆକଣ୍ଠ ଭୋଜନ ଦେଇ ରାଧା ଫେରି ଦେଖନ୍ତି, ଯମୁନା ଦୁଇ କୂଳ ଖାଉଛି । ମହର୍ଷି କହିଛନ୍ତି । ରାଧା, ଯମୁନାକୁ କୁହ, ଦୁର୍ବାସା ଆଜି ଯଦି କିଛି ଖାଇନାହାନ୍ତି, ଛିଡିଯା । ଯମୁନା ଛିଡିଯାଇଛି ।

ଭୀମ ଭୋଇ ସଂସାରୀ ଥିଲେ । ସଂସାରୀ ନଥିଲେ । ଦେହରୁ ଦେହାତୀତକୁ, ଇନ୍ଦ୍ରିୟ ବିଳାସରୁ ଅତୀନ୍ଦ୍ରିୟକୁ ତାଙ୍କ ଆତ୍ମା ସଂଚରଣ କରୁଥିଲା । ଏହା ହିଁ ଥିଲା ତାଙ୍କ ଜୀବନ । ଏହା ହିଁ ଥିଲା ତାଙ୍କ ଦର୍ଶନ । ସଂସାରରେ ଥାଇ ବି ସେ ଥିଲେ ସନ୍ନ୍ୟାସୀ । ତାଙ୍କୁ ବୁଝିବାକୁ ହେଲେ ସେହି ସ୍ତରକୁ ଯିବାକୁ ପଡିବ । ନହେଲେ ଖାଲି ଯେ ଚିନ୍ତାବିଭ୍ରାଟ ହେବ ତା ସହ ଏତେବଡ ସିଦ୍ଧଯୋଗୀଙ୍କୁ ଭୁଲ୍ ବୁଝି ନିଜ ବଡିମାରେ ଆତ୍ମତୃପ୍ତି ଲାଭ କରିବାହିଁ ସାର ହେବ । ଦିଲ୍ଲୀ ମନୋହର ପବ୍ଲିଶର୍ ବହିଟିଏ ବାହାର କରିଛି ୨୦୦୮ ମସିହାରେ । ପପୁଲାର୍ ରିଲିଜିଅନ୍ ଏଣ୍ଡ ଏସେଟିକ୍ ପ୍ରେକ୍ଟିସେସ୍ । ସେଥିରେ ଜୋହାନେସ୍ ବେଲ୍ଜଙ୍କ ଏସେଟିକ୍, ଲେମେନ୍ ଅର ରିବେଲିଆସ୍ ଗୁରୁ ? ଭୀମ ଭୋଇ ଏଣ୍ଡ ହିଜ୍ ଫିମେଲ୍ କନ୍‌ସଟ୍‌ଲ'' ଶୀର୍ଷକ ନିବନ୍ଧଟିଏ ସ୍ଥାନିତ । ଲେଖାଟିରେ ମେଦିନୀ ଦୃଷ୍ଟିର ଅଭାବ, ଯେଉଁ ଦୃଷ୍ଟିରେ ଭୀମ ଭୋଇ ବି.ସି.ମଜୁମ୍‌ଦାରଙ୍କୁ ଏକ ପ୍ରଜ୍ଞାପୁରୁଷ ଭଳି ପ୍ରତିଭାତ ହୋଇଥିଲେ । ଆର୍ତ୍ତ ବଲ୍ଲଭଙ୍କୁ 'ମହାନ୍' ଦିଶିଥିଲେ । ବଡ ଲୋକଙ୍କୁ ହଠାତ୍ ଛୋଟ କରିଦେଲେ ଚର୍ଚ୍ଚାର ପରିସରକୁ ଆସିବା ସହଜ । ତେଣୁ ଯୀଶୁ, ଗାନ୍ଧୀ, ଅରବିନ୍ଦଙ୍କ ଭଳି ମହାପୁରୁଷଙ୍କୁ ବିବାଦ ଘେରକୁ ଟାଣିଅଣାଯାଉଛି । କିନ୍ତୁ ସମସ୍ତେ ତ ଲିଟନ୍ ଷ୍ଟ୍ରେଚି ବା ସଲ୍‌ମାନ୍ ରସ୍‌ଦି ନୁହନ୍ତି । ଛୋଟ ମଣିଷର ଆଖି ଛୋଟ । ସେ ଆଖିରେ, ସେ କ୍ରେକ୍‌ଡ୍ ଲେନ୍‌ସ୍'ରେ ବଡ ମଣିଙ୍କୁ ଦେଖିଲେ 'hearsay';heresy' ହୋଇଯିବା ସମ୍ଭାବନା ଅଧିକ । ଅବଶ୍ୟ ହିନ୍ଦୁଧର୍ମ ହେଉ ଅଥବା ମହିମାଧର୍ମ ହେଉ ଏଥିରେ ଫତୁଆ ନାହିଁ । ତେଣୁ ନିରାପଦ ।

ଥରେ ଦେଓ୍ୱାନ୍ ବନମାଳି ମିଶ୍ର ଅଚାନକ ଖଲିଆପାଲି ଆଶ୍ରମକୁ ପଶିଆସିଲେ । କବି ଖଞ୍ଜଣି ଧରି ଭଜନ ବୋଲୁଥିଲେ । ଲେଖନକାର ଲେଖିଚାଲିଥିଲେ । ଏପରି ଏକ ଶାନ୍ତ, ସ୍ନିଗ୍ଧ, ସାରସ୍ୱତ ପ୍ରାଭାତିକ ମୁହୂର୍ତ୍ତରେ ଦେଓ୍ୱାନ୍ ଜୋତା ପିନ୍ଧି ବେଦୀ ଉପରକୁ ଉଠିଗଲେ । ଆଖିରେ ନିଆଁ ହୃଦୟରେ ଅହଂକାର । ସ୍ୱରରେ ତାଚ୍ଛଲ୍ୟ । କହିଲେ, ‘‘ଭଣ୍ଡବାବା, ଠକି ଭଣ୍ଡି ମାତା ଧରି ମଠରେ ରହୁଛୁ । ଚାଲ୍, ଧର୍ମ ପରୀକ୍ଷା ଦେବୁ ! ଅଗ୍ନିପରୀକ୍ଷା, ବୁଝିଲୁ ? ଉଠ୍ !’’ ଭୀମ ଭୋଇ ଉଠିପଡିଲେ । ଶିଷ୍ୟମାନେ ବାଧାଦେଲେ– ସୀତାରାମ, ପରଶୁରାମ, ଡମରୁ, ଚମରୁ, ମୋହନ ଦାସ, ହରି ପଣ୍ଡା ଓ ବସୁ ପଣ୍ଡା । ଏତେ ଶିଷ୍ୟ ଥାଉଁ ଥାଉଁ ଗୁରୁ ଦେବେ ଅଗ୍ନିପରୀକ୍ଷା ? ଅସମ୍ଭବ । ଧର୍ମପରୀକ୍ଷା ଶିଷ୍ୟମାନେ ନିଜେ ଦେବେ ନିଆଁରେ । ଚାଲିଲେ ଦେଓ୍ୱାନ୍‌ଙ୍କ ପଛେ ପଛେ । ଭୀମ ଭୋଇଙ୍କ ଖଞ୍ଜଣି ବାଜି ଉଠିଲା । ପାହାଡ ପ୍ରତିଧ୍ୱନି ତୋଳିଲା । ଅଙ୍ଗନଦୀର ଚାର୍ମି ଚଳଚଞ୍ଚଳ ହେଲା । କାନ୍ଦି କାନ୍ଦି ଭୀମ ଭୋଇ ମହିମାଙ୍କୁ ଡାକିଲେ, ମହିମା, ଧର୍ମ ଉଜୁଡିଯାଉଛି । ତୁମ ଧର୍ମ, ତୁମେ ସମ୍ଭାଳ ।

ତେଣେ ସୋନପୁରରେ ଯୁବରାଜ ପ୍ରତାପରୁଦ୍ର ପ୍ରତିବାଦ କଲେ: ‘‘ମହାରାଜ, ବାବାଜୀଙ୍କୁ ପୋଡିମାରିବା ଅନ୍ୟାୟ, ଅଧର୍ମ । କ’ଣ ଭୁଲ୍ କଲେ ସେମାନେ ? କାହାର କ୍ଷତି କଲେ କି ଦୋଷ କଲେ ଯେ ମୃତ୍ୟୁଦଣ୍ଡ ପାଇବେ ? ଏଥିରୁ କ୍ଷାନ୍ତ ହୁଅନ୍ତୁ। ମହାରାଜ ! ବିପତ୍ତିକୁ ଆମନ୍ତ୍ରଣ କରନ୍ତୁ ନାହିଁ । ‘ନୀଳାଦ୍ରି ସିଂହଙ୍କ ସଦ୍‌ବୁଦ୍ଧି ଉଦୟ ହେଲା । ବ୍ରାହ୍ମଣ ସଭାରେ ବହୁ ଯୁକ୍ତିତର୍କ ପରେ ଅଗ୍ନିପରୀକ୍ଷା ଏକ ସପ୍ତାହ ଟାଳି ଦିଆଗଲା । ଶେଷରେ ରାଜା ୧୮୯୧ ମସିହା ଅଗଷ୍ଟ ୨୩ ତାରିଖ ଦିନ ଏକ ଅଜଣା ରୋଗରେ ଚାଲିଗଲେ ।

ପ୍ଲଟ୍ ନଂ–୨୨, ମହନି କମ୍ପ୍ଲେକ୍ସ ସାମ୍ନା
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୧୬

❖ ❖ ❖




କୋଲକାତାଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳୀୟ ମିଳିତ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ନାୟକ କୃତୀ ଛାତ୍ରଛାତ୍ରୀମାନଙ୍କ ଗହଣରେ ଉପସ୍ଥିତ ଅଛନ୍ତି ।